# <u>ଶୁଖିଲା ଭୋଗ ମୌଖିକ ନିଲାମ ଇସ୍ତାହାର</u> -୨୦୨୬

**ପତ୍ର ସଂ. ୨୪୦୫** **ତା. ୦୬.୦୭.୨୦୨୬**

ଚଳିତ ୨୦୨୬ ବର୍ଷ ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚା ମନ୍ଦିର ସମୁଖରେ ଥିବା ଷ୍ଟଲରେ ଶୁଖିଲା ଭୋଗ ବିକ୍ରୟ ନିମନ୍ତେ ନିର୍ଦ୍ଧାରିତ ହୋଇଅଛି।

ଏଣୁ ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ନିଜର ନାମ ଓ ସବିଶେଷ ବିବରଣୀ ସାଧା କାଗଜରେ ଲେଖି ଆସନ୍ତା **ତା. ୦୯.୦୭.୨୦୨୬ ରିଖ ଦିବା ୪.୦୦ ଘଣ୍ଟା** ସମୟରେ ନିମ୍ନ ସ୍ୱାକ୍ଷରକାରୀ ଓ ଟେଣ୍ଡର କମିଟିର ସଦସ୍ୟଙ୍କ ନିକଟରେ ଉପସ୍ଥାପନ କରିବେ । ସେହିଦିନ **ତା. ୦୯.୦୭.୨୦୨୬ ଅପରାହ୍ନ ଘ. ୪.୦୦** ସମୟରେ କମିଟିର ସଭ୍ୟ ଏବଂ ନିଲାମଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯିବ । ଏହି ଟେଣ୍ଡର ର ସର୍ବନିମ୍ନ ମୂଲ୍ୟ **ଟ ୧,୩୦,୦୦୦/-ଙ୍କା ( ଏକ ଲକ୍ଷ୍ୟ ତିରିଶ ହଜାର ଟଙ୍କା ମାତ୍ର )** ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ମୂଲ୍ୟ ରୁ କମ୍ ଦାମ୍ ଉଲ୍ଲେଖ ଥିବା ଟେଣ୍ଡର ପେପର ବିଚାର ପାଇଁ ଗ୍ରହଣ କରାଯିବ ନାହିଁ ଏବଂ ସଂପୃକ୍ତ ଟେଣ୍ଡର ପେପରଟି ରଦ୍ଧ କରିଦିଆଯିବ । ଯଦି ସମସ୍ତ ନିଲାମଧାରୀ ଅସଫଳ ହୁଅନ୍ତି, ତାହାହେଲେ ସେମାନଙ୍କ ସହ ଚୁକ୍ତି ପୁର୍ବକ ଆଲୋଚନା ମାଧମରେ ସର୍ବୋଚ ଟେଣ୍ଡର ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରିଙ୍କ ଅଧିକାର ଅଛି । **ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୁର୍ବକ ଆଲୋଚନା ମାଧମରେ ମୂଲ୍ୟ ଧାର୍ଯ୍ୟ ହୋଇଥିବା ନିଲାମଧାରୀ ନଗଦ ଅର୍ଥ ତତ୍କାଳ ପୈଠ କରିବାକୁ ବାଧ । ଯଦି ସମ୍ପୂର୍ଣ୍ଣ ରାଶି ପୈଠ କରିବାରେ ଅସମର୍ଥ ହୁଅନ୍ତି ପରବର୍ତ୍ତୀ ନିଲାମଧାରୀଙ୍କ ଟେଣ୍ଡର୍ ପେପରଟି ବିଚାରକୁ ନିଆଯିବ।** ସର୍ବୋଚ୍ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୁର୍ବକ ଆଲୋଚନା ମାଧମରେ ନିଲାମ ଡାକିଥିବା ବ୍ୟକ୍ତି ବା ଅନୁଷ୍ଠାନକୁ **ତା. ୧୬.୦୭.୨୦୨୬ ଠାରୁ ୨୯.୦୭.୨୦୨୬** ପର୍ଯ୍ୟନ୍ତ ଶୁଖିଲା ଭୋଗ ବିକ୍ରୟ ପାଇଁ ଆଦେଶ ଦିଆଯିବ । ଗ୍ରହଣ କରାଯାଇଥିବା ଯେ କୌଣସି ଟେଣ୍ଡର ପେପର କିମ୍ୱା ସମସ୍ତ ଟେଣ୍ଡର ପେପର ଗୁଡିକ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି ।ଏଥି ସଂକ୍ରାନ୍ତିୟ ସବିଶେଷ ବିବରଣୀ ଗଜପତି ଜିଲ୍ଲା ୱେବସାଇଟରେ **<u>(www.gajapati.odisha.gov.in)</u>** ସମସ୍ତଙ୍କ ଅବଗତି ନିମନ୍ତେ ଉପଲବ୍ଧ ହୋଇଆଛି ।

**ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା-ସମ୍ପାଦକ,**
**ରଥଯାତ୍ରା କମିଟି, ପାରଳାଖେମୁଣ୍ଡି**